# ତହସିଲଦାରଙ୍କ କାର୍ଯ୍ୟାଳୟ, ଘୁମୁସର, ଭଞ୍ଜନଗର, ଜିଲ୍ଲା – ଗଞ୍ଜାମ

ବିଜ୍ଞପ୍ତି ସଂଖ୍ୟା 1211 /ସୈରାତ ତା. 17/03/2021ରିଖ

## ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ ପୁନଃ ବିଜ୍ଞାପନ

ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ – ୨୦୦୪ ଓ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ–୨୦୧୬ ଓ ଏହାର ସଂଶୋଧନ ନିୟମ ଅନୁଯାୟୀ ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ଘୁମୁସର, ଭଞ୍ଜନଗର ତହସିଲ ଅନ୍ତର୍ଗତ ନିମ୍ନରେପ୍ରଦତ୍ତ ଲଘୁ ଖଣିଜ ଉତ୍ସକୁ ପୂର୍ବରୁ ନିଲାମ ନିମନ୍ତେ ତା- 16.12.2020ରେ ବିଜ୍ଞାପନ ଦିଆଯାଇଥିଲା କିନ୍ତୁ ଉକ୍ତ ଖଣିଜ ଉତ୍ସ ନିମନ୍ତେ ଆବେଦନ କରିଥିବା ସମସ୍ତ ଦରଖାସ୍ତକାରୀଙ୍କ ଦରଖାସ୍ତ ନାକଚ ହୋଇଯାଇଥିବା ଯୋଗୁଁ ପୁନର୍ବାରଆସନ୍ତା (ପାଞ୍ଚ ବର୍ଷ) ପାଇଁ ଦୀର୍ଘ ମିଆଦି ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

### ସୈରାତ ଉତ୍ସର ବିବରଣୀ

| କ୍ରମିକ ନଂ. | ସୈରାତ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା ଏକରରେ | କିସମ | ଧାର୍ଯ୍ୟ ରୟାଲିଟିର ମୂଲ୍ୟ (ପ୍ରତି ଘନ ମି.) (ଟଙ୍କାରେ) | ଅତିରିକ୍ତ ଦେୟ (ପ୍ରତି ଘନ ମି.) | ସର୍ବନିମ୍ନ ଦେୟ(ପ୍ରତି ଘନ ମି.) | M.G.Q ଅନୁସାରେ ବାର୍ଷିକ ଲଘୁ ଖଣିଜ ପରିମାଣ (ଘନ ମିଟରରେ) | Solvency Certificate/Bank Guaranteeର ସର୍ବନିମ୍ନ ପରିମାଣ (ଟଙ୍କାରେ) | ୫% ଜମାନତ ରାଶି (EMD) ବାବଦକୁ ଦେୟ (ଟଙ୍କାରେ) |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧ | ଜୁଲାଡ଼ ଡାମଣାଖୋଜି ପଥରଖଣି | ଡାମଣାଖୋଜି | ୩୦୯ | ୨୧୨/P | ୧୨.୦୦୦ | ପର୍ବତ | ୧୩୦/- | ୧୦୦/- | ୨୩୦/- | ୪୫୦୦ | ୧୦,୩୫,୦୦୦/- | ୫୧,୭୫୦/- |

ଲିଜ୍‌ରେ ଅଂଶ ଗ୍ରହଣ ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ ଉତ୍ସଗୁଡ଼ିକୁ ପରିଦର୍ଶନ କରି ଏହାର ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରିବା ପରେ ଆବେଦନ କରିବା ବାଞ୍ଛନୀୟ । ଲିଜ୍ ନେବା ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ । କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rule-2016ଏବଂ ଏହାର Amendment Rule(s) ମୁତାବକ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ ଇଉମୁଦ ଲଫାଫାରେ ଆବେଦନ କରିବେ ।

୧. OMMC Rule-2016 ଅନ୍ତର୍ଗତ ନିର୍ଭୁଲ ଭାବରେ ପୂରଣ ହୋଇଥିବା ଏବଂ ଦରଖାସ୍ତକାରୀଙ୍କ ଦ୍ୱାରା ଦସ୍ତଖତ କରାଯାଇଥିବା ୩ କିତା Form M (୩ କପି) ଦାଖଲ କରିବେ ।

୨. ଦରଖାସ୍ତ ଫି ବାବଦକୁ ଟ.୧,୦୦୦/- (ଏକ ହଜାର ଟଙ୍କା)ର ଟ୍ରେଜେରୀ ଚାଲାଣ (Head of Account-0853-Non Ferrous Mining &Meteorological Industries-102-Mineral Concession Fees Rent of Royalties) ଦାଖଲ କରିବେ ଏବଂ ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

୩. ଉସର ନାମ ତଫସିଲ ଏବଂ ସରହଦ ବିବରଣୀ ସଂଲଗ୍ନ କରିବା ହେବେ ।

୪. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ଏବଂ ରାଜସ୍ୱ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବେ ।

୫. ଦରଖାସ୍ତକାରୀ ଏକ Solvency Certificate କିମ୍ବା Bank Guarantee ଦାଖଲ କରିବେଯାହାର ଅବଧି ୧୮ ମାସ ହୋଇଥିବ ଏବଂ Solvency certificateଅଥବା Bank Guaranteeର ମୂଲ୍ୟ ସୈରାତ ଉସର ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity) X (Royalty + Offered Additional Charges by Participant) ହେବା ଆବଶ୍ୟକ । ଉପର ଲିଖିତ ସାରଣୀରେ ବର୍ଣ୍ଣିତ ସୈରାତ ଉସ ନିଲାମକୁ ନିଆଯିବ । ଦରଖାସ୍ତକାରୀ ଆବେଦନ କରିଥିବା ନିଲାମ ମୂଲ୍ୟ ଅନୁଯାୟୀ ଉପରୋକ୍ତ ହିସାବ ଅନୁସାରେ Solvency Certificate କିମ୍ବା Bank Guarantee ମୂଲ୍ୟକୁ ଗ୍ରହଣ କରାଯିବ । ଯଦି ଦରଖାସ୍ତକାରୀ ଏକାଧିକ ସୈରାତ ଉସ ନିମନ୍ତେ ଆବେଦନ କରିଥାନ୍ତି ଉପର ଲିଖିତ ସାରଣୀ କ୍ରମ ଅନୁଯାୟୀ Solvency Certificate କିମ୍ବା Bank Guarantee ମୂଲ୍ୟକୁ ଗ୍ରହଣ କରାଯିବ ।

୬. ଦରଖାସ୍ତକାରୀ ଆବେଦନ କରୁଥିବା ସୈରାତ ଉସର EMD (Earnest Money Deposit) ବ୍ୟାଙ୍କ ଡ୍ରାଫ୍ଟ (Bank Draft)ମାଧ୍ୟମରେ ଜମା କରିବେ ଯାହାର ପରିମାଣ [(Minimum Guaranteed Quantity) X (Royalty + Additional Charges Specified in the notice)] ର ଶତକଡ଼ା ୫% ରହିବ । ଉକ୍ତ ବ୍ୟାଙ୍କ ଡ୍ରାଫ୍ଟ Tahasildar, Ghumusur, Bhanjanagarଙ୍କ ନାମରେ ହୋଇଥିବା ବାଞ୍ଛନୀୟ । ନଚେତ୍ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

୭. ଦରଖାସ୍ତକାରୀ ପ୍ରାଧୀକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଅସ୍ଥାବର ସମ୍ପତ୍ତି ତାଲିକା ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ଯଥା ବୈଷୟିକ ଜ୍ଞାନ ଅଭିଜ୍ଞତା ପାଖରେ ଥିବା ଯନ୍ତ୍ର ସମୂହ ଆର୍ଥିକ ସ୍ଥିତି ଇତ୍ୟାଦି ପ୍ରମାଣ ପତ୍ର ସଂଲଗ୍ନ କରିପାରନ୍ତି ।

୮. ଦରଖାସ୍ତକାରୀ ବର୍ଷର ଆୟକର ଦାଖଲ (Income Tax Filling) ବିବରଣୀର ନକଲ/(GST Clearance Certificate)ର ନକଲ ଦାଖଲ କରିବେ ।

୯. ଦରଖାସ୍ତକାରୀ କୌଣସି ସୈରାତ ଉସ ନିମନ୍ତେ ଆବେଦନ କରିବା ପୂର୍ବରୁ ଉକ୍ତ ଉସକୁ ପରିଦର୍ଶନ କରିଥିବାର ଏକ ସ୍ୱଘୋଷିତ ଲିଖିତନାମା (Self Declaration) ଦାଖଲ କରିବେ ।

୧୦.ଦରଖାସ୍ତକାରୀ ସୈରାତ ଉସର Mining Plan, Revised Mining Plan,EC Preparation &Sairat Advertising Costର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବା ନେଇ ଏକ ସତ୍ୟପାଠ ଦାଖଲ କରିବେ।

୧୧.ଦରଖାସ୍ତକାରୀ ଲଫାଫାର ଉପରି ଭାଗରେ ବଡ଼ ଅକ୍ଷରରେ କେଉଁ ସୈରାତ ଉସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ, ଠିକଣା ଓ ଫୋନ୍ ନଂ. ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ।

ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଜଉମୁଦ ଲଫାଫାରେ Registered Post/Speed Post ଯୋଗେ ନିମ୍ନ ଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦ ଦିଆ ଟେଣ୍ଡର ବାକ୍ସରେ ତା.୧୯.୦୩.୨୦୨୧ରିଖ ଠାରୁତା.୧୨.୦୪.୨୦୨୧ରିଖ ମଧ୍ୟରେ ଅପରାହ୍ନ ୫.୩୦ଏବଂ ୧.୦୦ଘଟିକା (ସକାଳ ଅଫିସ) ସୁଦ୍ଧା ଯେ କୌଣସି ସରକାରୀ କାର୍ଯ୍ୟଦିବସ ନିର୍ଘଣ୍ଟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ। ତା.୧୨.୦୪.୨୦୨୧ରିଖ ଅପରାହ୍ନ ୧.୦୦ଘଟିକା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ । ତା.୧୩.୦୪.୨୦୨୧ରିଖ ପୂର୍ବାହ୍ନ ୯.୦୦ ଘଟିକା ସମୟରେ

ତହସିଲ କାର୍ଯ୍ୟାଳୟ,ଘୁମୁସର, ଭଞ୍ଜନଗରଠାରେ ଆବେଦନ କରାଯାଇଥିବା ଦରଖାସ୍ତ ଗୁଡ଼ିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ବାକ୍ସ ଖୋଲାଯାଇ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡ଼ିକୁ ତନଖି କରାଯିବ ଏବଂ OMMC Rule-2016 ଅନୁଯାୟୀ ସମସ୍ତ ସର୍ତ୍ତାବଳୀକୁ ପୂରଣ କରୁଥିବା ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବୋଚ୍ଚ ଦର ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡ଼ିକୁ ବାତିଲ କରି ଦିଆଯିବ ।

ଯଦି କୌଣସି ସୈରାତ ଉସ ଉପରୋକ୍ତ ଦିବସରେ ନିଲାମ ନହୋଇପାରେ ତେବେ ତାହା ତା.୧୫.୦୪.୨୦୨୧ରିଖ ପୂର୍ବାହ୍ନ ୭.୦୦ ଘଟିକା ଠାରୁ ତା.୨୨.୦୪.୨୦୨୧ରିଖ ଅପରାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ ପୁନର୍ବାର Registered Post/Speed Post/ଟେଣ୍ଡର ବାକ୍ସ ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ତା.୨୩.୦୪.୨୦୨୧ରିଖ ପୂର୍ବାହ୍ନ ୯.୦୦ ଘଟିକା ସମୟରେ ତହସିଲ କାର୍ଯ୍ୟାଳୟ,ଘୁମୁସର, ଭଞ୍ଜନଗରଠାରେ ଆବେଦନ କରାଯାଇଥିବା ଦରଖାସ୍ତ ଗୁଡ଼ିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ବକ୍ସ ଖୋଲାଯାଇ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡ଼ିକୁ ତନଖି କରାଯିବ ।

ସେହିପରି ଯଦି କୌଣସି ସୈରାତ ଉସ ଉପରୋକ୍ତ ଦିବସରେ ପୁନର୍ବାର ନିଲାମ ନ ହୋଇପାରେ ତେବେ ତାହା ତା.୨୬.୦୪.୨୦୨୧ରିଖଠାରୁ ତା.୦୪.୦୫.୨୦୨୧ରିଖଅପରାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ ପୁନର୍ବାର Registered Post/Speed Post/ଟେଣ୍ଡର ବାକ୍ସ ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ତା.୦୪.୦୫.୨୦୨୧ରିଖ ପୂର୍ବାହ୍ନ ୯.୦୦ ଘଟିକା ସମୟରେ ଘୁମୁସର, ଭଞ୍ଜନଗର ତହସିଲ କାର୍ଯ୍ୟାଳୟ ଠାରେ ଆବେଦନ କରାଯାଇଥିବା ଦରଖାସ୍ତ ଗୁଡ଼ିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ବକ୍ସ ଖୋଲାଯାଇ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡ଼ିକୁ ତନଖି କରାଯିବ ।

ଠିକଣା
ତହସିଲଦାର, ଘୁମୁସର, ଭଞ୍ଜନଗର
ସ୍ଥା/ପୋ – ଭଞ୍ଜନଗର
ଜିଲ୍ଲା – ଗଞ୍ଜାମ, ପିନ୍ ନଂ. – ୭୬୧୧୨୬

ସର୍ତ୍ତାବଳୀ

୧. ଆବେଦନକାରୀମାନେ OMMC Rule-2016 ଏବଂ ଏହାର Amendment Ruleର ପରିସର ଭୁକ୍ତ ରହିବେ ।

୨. ଆବେଦନକାରୀ ଲିଜ୍ ପାଇଁ ଉଦ୍ଦିଷ୍ଟ ନିଲାମରେ ଭାଗ ନେବା ପୂର୍ବରୁ ସୈରାତ ଉସକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧାଓ ଗଚ୍ଛିତ ଥିବା ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଏହି ଲିଜ୍ ଉଦ୍ଦିଷ୍ଟ ନିଲାମରେ ଅଂଶ ଗ୍ରହଣ କରିବେ । ଲିଜ୍ ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ଏବଂ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୩. ଲିଜ୍‌ଧାରୀ Mining Plan, Revised Mining Plan, EC & Advertisingର ମୂଲ୍ୟ ଦାଖଲ କରିବେ ନଚେତ୍ ଲିଜ୍ ବାତିଲ କରାଯିବ। ସର୍ବୋଚ୍ଚ ନିଲାମଧାରୀ ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ(Consent to Operate) ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ରୁ (Odisha Pollution Control Board) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

୪. ପଥର ସୈରାତ ଉତ୍ସ ପାଇଁ ଘନ ମିଟର (Per Cubic Meter) ପ୍ରତି ସର୍ବନିମ୍ନ ସରକାରୀ ରୟାଲିଟି ମୂଲ୍ୟ ଏବଂ ସର୍ବନିମ୍ନ ଅତିରିକ୍ତ ଦେୟ (Additional Charge)ର ପରିମାଣ ଉପର ଲିଖିତ ସାରଣୀ ମୁତାବକ ଧାର୍ଯ୍ୟ କରାଯାଇଛି ।

୫. ସରକାରୀ ଭାବେ ଘନ ମିଟର ପ୍ରତି ଧାର୍ଯ୍ୟ ସର୍ବନିମ୍ନ ଅତିରିକ୍ତ ଦେୟ (Minimum Additional Charge) & Royaltyର ଦର ଠାରୁ କମ୍ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ ସଂଲଗ୍ନ କରିନଥିବା ଦରଖାସ୍ତକାରୀଙ୍କ ଦରଖାସ୍ତ ଖାରଜ କରି ଦିଆଯିବ ।

୬. ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସୈରାତ ଉତ୍ସ ନିମନ୍ତେ ସମାନ ରୟାଲିଟି ଏବଂ ଅତିରିକ୍ତ ଦେୟ ପରିମାଣ ଉଲ୍ଲେଖ କରିଥାନ୍ତି ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ଆବେଦନକାରୀ ବିବେଚିତ କରାଯିବ ।

୭. ଯଦି କୌଣସି ଉତ୍ସ ନିମନ୍ତେ କେବଳ ଗୋଟିଏ ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବ ତେବେ ସେହି ଉତ୍ସ ପାଇଁ ନିଲାମ କରାଯିବ ନାହିଁ ।

୮. ଚୟନ କରାଯାଇଥିବା ନିଲାମଧାରୀଙ୍କୁ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ Form - F ମାଧ୍ୟମରେ ଚୟନ ସମ୍ବନ୍ଧୀୟ ତଥ୍ୟ ଏବଂ ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ସର୍ତ୍ତାବଳୀ ଯୋଗାଇ ଦିଆଯିବ । ଏହି Form – F ପାଇବାର ୧୫ ଦିନ ମଧ୍ୟରେ ଚୟନ ହୋଇଥିବା ନିଲାମଧାରୀ ନିଲାମ ନେବା ପାଇଁ ସ୍ୱୀକୃତି ପ୍ରଦାନ କରିବେ ଏବଂ ବାର୍ଷିକ ଦେୟ (Minimum Guaranteed Quantity) X(Royalty + Offered Additional Charge + District Mineral Foundation) ର ଏକ ଚତୁର୍ଥାଂଶପରିମାଣରୁ Earnest Moneyକୁ ବାଦଦେଇ ବଳକା ରାଶି ଜମା କରିବେ ଏବଂ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା Earnest Moneyକୁ ସୁଧ ରହିତ ଅମାନତ ରାଶି (Security Deposit) ଭାବରେ ରଖାଯିବ। ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେବା ପରେ ସ୍ଥିର କରାଯିବ । ଯଦି ମନୋନିତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନଦିଅନ୍ତି ଏବଂ ଅମାନତ ରାଶି ପୈଠ ନକରନ୍ତି (ନିଲାମଧାରୀଙ୍କ Earnest Moneyକୁ ବାଜ୍ୟାପ୍ତି କରାଯିବ) ଏବଂ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ । ନିଲାମଧାରୀଙ୍କ ସ୍ୱୀକୃତି ପରେ ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରି ଅଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀଙ୍କ Earnest Money Deposit and Bank Guaranteeକୁ ଫେରସ୍ତ କରି ଦିଆଯିବ।

୯. ନିଲାମ ପ୍ରକ୍ରିୟାର ଚୁଡାନ୍ତ ପରେ ମନୋନୀତ ନିଲାମଧାରୀ Revised Mining Plan ପ୍ରସ୍ତୁତ କରିବେ ।

୧୦. ନିଲାମଧାରୀ ସମସ୍ତ ଦେୟ ଜମା କରିବା ପରେ Form – N ରେ ଚୁକ୍ତି ପତ୍ର ସ୍ୱାକ୍ଷରିତ କରିବା ସହ ନିଜ ଖର୍ଚ୍ଚରେ ଏହାର ପଞ୍ଜୀକରଣ (Registration Act., 1908 & Stamp Act., 1890 & 1899 ଅନୁଯାୟୀ) ସମ୍ପାଦନ କରିବେ ।

୧୧. OMMC Rule-2016 ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇଥିବା ଜମାରାଶି ବ୍ୟାଜାପ୍ତି କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିବ ।

୧୨. ଲିଜ୍‌ଧାରୀ ସୈରାତ ଉତ୍ସ ସମ୍ବନ୍ଧୀୟ ସମସ୍ତ ଦେୟ ଯଥା Royalty, Additional Charge, Dead Rent, Surface Rent, DMF, EMF ଓ ଅନ୍ୟାନ୍ୟ ଦେୟର OMMC Rule-2016 ଅନୁଯାୟୀ

ଲୀଜପ୍ରାପ୍ତ ଅଧିକାରୀଙ୍କ ନିକଟରେ ଜମା କରିବେ ଏବଂ ଏ ସମସ୍ତ ରାଶିର ୨% ଆୟକର (TCS) ବାବଦରୁ ଜମା କରିବେ ।

୧୩. ଲିଜ୍‌ଧାରୀ ସେହିଘାଟ ସମ୍ବନ୍ଧ ତଥ୍ୟ ଅନୁଯାୟୀ ନିର୍ଦ୍ଧାରିତ ମୂଲ୍ୟ ଆଦି ଉଲ୍ଲେଖ କରି ନିର୍ଦ୍ଦିଷ୍ଟ ଘାଟ ସାମ୍ନାରେ ଫଳକ (Display Board) ଏବଂ ଆବଶ୍ୟକୀୟ ବ୍ୟବସ୍ଥା କରି ଘାଟରୁ ବାହାରୁଥିବା ଗାଡ଼ି ଉପରେ ଖଣିଜ ଦ୍ରବ୍ୟ ବୋଝେଇ ପାଇଁ ଓଜନ ଯନ୍ତ୍ର ସ୍ଥାପନ କରିବେ । ଏ ସମ୍ବନ୍ଧରେ ସମସ୍ତ ଖର୍ଚ୍ଚ ଲିଜ୍‌ଧାରୀ ବହନ କରିବେ ।

୧୪. ସମ୍ପୃକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେବାପରେ କାର୍ଯ୍ୟାଦେଶ ଦିଆଯିବ । ଲୀଜପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ପାଇବା ପର୍ଯ୍ୟନ୍ତ ଲିଜ୍‌ଧାରୀ ସେହିଘାଟ କାର୍ଯ୍ୟକ୍ଷମ କରିପାରିବେ ନାହିଁ ।

୧୫. ଲିଜ୍ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଓ ଅନ୍ୟାନ୍ୟ ତଥ୍ୟାବଳୀ ତହସିଲ କାର୍ଯ୍ୟାଳୟ, ଘୁମୁସର ଭଞ୍ଜନଗରରେ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ଦେଖାଯାଇପାରିବ । ଏହି ବିଜ୍ଞାପନର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ସରକାରୀ ୱେବ ସାଇଟ www.ganjam.nic.in ରେ ଉପଲବ୍ଧ ହେବ ।

୧୬. ଲୀଜପ୍ରାପ୍ତ ଅଧିକାରୀ ଲିଜ ଅବଧି ମଧ୍ୟରେ ଯେ କୌଣସି ସମୟରେ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଏବଂ ଅତିରିକ୍ତ ଦେୟ (Additional Charge) ସଂଶୋଧନ କରିପାରିବେ ।

୧୭. ନିଲାମ ଡାକଦାତାମାନେ ଓଡ଼ିଶା କ୍ଷୁଦ୍ର ଖଣିଜ ଦ୍ରବ୍ୟ ରିହାତି ନିୟମ-୨୦୧୬ (OMMC Rule-2016) ଏବଂ ତତ୍‌ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ ।

୧୮. ଲିଜ୍‌ଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟରରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା କ୍ଷୁଦ୍ର ଖଣିଜ ଦ୍ରବ୍ୟର ହିସାବ ଲିପିବଦ୍ଧ କରିବା ସହିତ କ୍ଷୁଦ୍ର ଖଣିଜ ଉତ୍ତୋଳନ ଏବଂ ପରିବହନର ତ୍ରୈମାସିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।

୧୯. ଯଦି ଉକ୍ତ ନିଲାମ ବିଜ୍ଞାପନରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ସଂଶୋଧନ କରିବାର ଅଧିକାର ଲୀଜପ୍ରାପ୍ତ ଅଧିକାରୀଙ୍କ ରହିଅଛି ଏବଂ ଲୀଜପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ ନିଲାମ୍ ବାତିଲ ବା ସ୍ଥଗିତ କରିପାରିବେ ।

୨୦. ଲିଜ୍ ଅବଧି ମଧ୍ୟରେ ଲିଜ୍‌ଧାରୀ ଲିଜ୍ ସମ୍ବନ୍ଧୀୟ ସର୍ତ୍ତାବଳୀର ଉଲ୍ଲଂଘନ କଲେ ଲିଜ୍ ରଦ୍ଦ କରିବା ସଙ୍ଗେ ସଙ୍ଗେ ଜମା ରାଶିକୁ ବାଜ୍ୟାପ୍ତ କରାଯିବ ।

୨୧. ଲିଜ୍‌ଧାରୀ Mines Act - 1952 ଏବଂ Explosive Act - 1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀର ଅନୁବର୍ତ୍ତୀ ରହିବେ ।

17/03/2021

ତହସିଲଦାର

ଘୁମୁସର, ଭଞ୍ଜନଗର, ଗଞ୍ଜାମ

ପରିପତ୍ର ସଂଖ୍ୟା : ....1312..... ତା. 17/03/2021... ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ, ଗଞ୍ଜାମ, ଛତ୍ରପୁର / ଉପ-ଜିଲ୍ଲାପାଳ, ଭଞ୍ଜନଗରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

17/03/2021

ତହସିଲଦାର

ଘୁମୁସର,ଭଞ୍ଜନଗର, ଗଞ୍ଜାମ

ପରିପତ୍ର ସଂଖ୍ୟା: ...1313....... ତା. ...17/03/2021........... ରିଖ

ଏହାର ଏକକିତା ନକଲ D.I.O., NIC, Ganjam ଅବଗତି ତଥା ଗଞ୍ଜାମ ଜିଲ୍ଲା Web Siteରେ ଉପଲବ୍ଧ କରିବା ନିମନ୍ତେ ପ୍ରେରଣ କରାଗଲା ।

17/03/2021

ତହସିଲଦାର

ଘୁମୁସର, ଭଞ୍ଜନଗର, ଗଞ୍ଜାମ

ପରିପତ୍ର ସଂଖ୍ୟା: .....1314... ତା. ....17/03/2021.. ରିଖ

ଏହାର ଏକକିତା ନକଲ ଭାରପ୍ରାପ୍ତ ଅଧିକାରୀ, ଭଞ୍ଜନଗର ଥାନାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

17/03/2021

ତହସିଲଦାର

ଘୁମୁସର, ଭଞ୍ଜନଗର, ଗଞ୍ଜାମ

ପରିପତ୍ର ସଂଖ୍ୟା: ...1315....... ତା. ..17/03/2021...... ରିଖ

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ଭଞ୍ଜନଗରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

17/03/2021

ତହସିଲଦାର

ଘୁମୁସର, ଭଞ୍ଜନଗର, ଗଞ୍ଜାମ

ପରିପତ୍ର ସଂଖ୍ୟା: .....1316... ତା. ...17/03/2021.. ରିଖ

ଏହାର ଏକକିତା ନକଲ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ଼ / ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ଼ / ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ନୋଟିସ୍ ବୋର୍ଡ଼ ସୈରାତ ଉସ୍ଵ ଗୁଡ଼ିକ ଥିବା ସମ୍ପୃକ୍ତ ଗ୍ରାମରେ ଜନସାଧାରଣଙ୍କ ଅବଗତି ଏବଂ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

17/03/2021

ତହସିଲଦାର

ଘୁମୁସର, ଭଞ୍ଜନଗର, ଗଞ୍ଜାମ